24 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୬ ଡିସେମ୍ବର,
ଗୁରୁବାର ୨୦୧୮

ପାକ୍‌ର ନିଶ୍ଚିତ ବିଜୟକୁ ଅଟକାଇଲା ମାଲେସିଆ

ଭୁବନେଶ୍ୱର

କଳିଙ୍ଗ ଷ୍ଟାଡ଼ିୟମରେ ଦର୍ଶକେ ଆଉ ଏକ ସଂଘର୍ଷପୂର୍ଣ୍ଣ ହକି ମ୍ୟାଚ୍‌ରେ ମଜା ନେଇଛନ୍ତି । ପୂରା ମ୍ୟାଚ୍‌ରେ ପାକିସ୍ତାନର ଦବ୍‌ଦବା ଦେଖିବାକୁ ମିଳିଥିଲା ବେଳେ ଶେଷ ୫ ମିନିଟ୍‌ରେ ମାଲେସିଆ ସବୁକିଛି ଓଲଟପାଲଟ କରି ଦେଇଛି ।

ମ୍ୟାଚ୍‌ର ୫୫ ତମ ମିନିଟ୍ ପର୍ଯ୍ୟନ୍ତ ପାକିସ୍ତାନ ୧–୦ରେ ଆଗୁଆ ରହିଥିଲା । କିନ୍ତୁ ଶେଷ ମୁହୂର୍ତ୍ତରେ ମାଲେସିଆ ଗୋଲ୍ ସ୍କୋର କରି ମ୍ୟାଚ୍‌ଟିକୁ ଡ୍ର ରଖିବାରେ ସକ୍ଷମ ହୋଇଥିଲା । ପ୍ରଥମ ମ୍ୟାଚ୍‌ରେ ପରାସ୍ତ ହୋଇଥିବା ପାକିସ୍ତାନ ଏକ ନିଶ୍ଚିତ ବିଜୟକୁ ହାତଛଡ଼ା କରି କ୍ରସ୍ ଓଭର୍ ମ୍ୟାଚ୍ ଖେଳିବାର ଆଶଙ୍କା ଭିତରୁ ଠେଲି ହୋଇଯାଇଛି । ଅନ୍ୟପକ୍ଷରେ ମ୍ୟାଲେସିଆ ମଧ୍ୟ ପ୍ରଥମ ମ୍ୟାଚ୍ ହାରିଥିଲା କିନ୍ତୁ ପାକିସ୍ତାନ ଭଳି ୩ ଥରର ବିଶ୍ୱ ବିଜେତା ସହ ମ୍ୟାଚ୍ ଡ୍ର କରି ଦଳ ନିଜର ମନୋବଳ ବୃଦ୍ଧି କରିପାରିଛି । ମ୍ୟାଚ୍ ଆରମ୍ଭରୁ ପାକିସ୍ତାନ ଅପେକ୍ଷାକୃତ ଦୁର୍ବଳ ମ୍ୟାଲେସିଆ ଉପରେ ଚାପ ସୃଷ୍ଟି କରିଥିଲା । କିନ୍ତୁ ଦଳକୁ ଆଦୌ ସଫଳତା ମିଳି ନଥିଲା । ମ୍ୟାଚ୍‌ର ପ୍ରଥମ ୩ଟି ଯାକ କ୍ୱାର୍ଟର ଗୋଲ ଶୂନ୍ୟ ରହିଥିଲା । ମ୍ୟାଚ୍‌ର ୩୯ତମ ମିନିଟ୍‌ରେ ମାଲେସିଆକୁ ଗୋଲ କରିବାର ସୁଯୋଗ ମିଳିଥିଲେ ହେଁ ଦଳ ଏହାକୁ ହାତଛଡ଼ା କରିଥିଲା ।

୪ର୍ଥ କ୍ୱାର୍ଟର ଆରମ୍ଭରୁ ପାକିସ୍ତାନ ତା'ର ରଣନୀତି ପରିବର୍ତ୍ତନ କରିବା ସହ ଘନଘନ ଆକ୍ରମଣ କରିଥିଲା । ଶେଷରେ ମ୍ୟାଚ୍‌ର ୫୧ତମ ମିନିଟ୍‌ରେ ପାକିସ୍ତାନ ପକ୍ଷରୁ ମହମ୍ମଦ ଅତିକ୍ ଗୋଲ ସ୍କୋର କରି ଦଳକୁ ୧–୦ରେ ଆଗୁଆ କରିଦେଇଥିଲେ । ୫୪ତମ ମିନିଟ୍‌ରେ ମାଲେସିଆକୁ ପେନାଲ୍ଟି କର୍ଣ୍ଣର ମିଳିଥିଲା କିନ୍ତୁ ପାକିସ୍ତାନ ଭିଡିଓ ରେଫରାଲ୍ ମାଗିଥିଲା । ଫଳରେ ମାଲେସିଆର ପେନାଲ୍ଟି କର୍ଣ୍ଣର କାଟ୍ ଖାଇଯାଇଥିଲା । ତେବେ ୫୫ତମ ମିନିଟ୍‌ରେ ପୁଣି ମାଲେସିଆକୁ ଏକ ପେନାଲ୍ଟି କର୍ଣ୍ଣର ମିଳିଥିଲା । ଏଥର ଫୈଜଲ ସାଇରି ଏହାକୁ ଗୋଲ କରି ସ୍ଥିତି ବରାବର କରିଦେଇଥିଲେ । ଶେଷ ୫ ମିନିଟ୍‌ରେ ପାକିସ୍ତାନ ଗୋଲ କରି ମ୍ୟାଚ୍ ଜିତିବାକୁ ଚେଷ୍ଟା କରିଥିଲେ ହେଁ ମାଲେସିଆ ସବୁ ପ୍ରକାରର ଉଦ୍ୟମକୁ ରୋକି ଦେଇଥିଲା ଶେଷରେ ମ୍ୟାଚ୍‌ଟି ଡ୍ର ହୋଇଥିଲା ।

ଶେଷ କ୍ୱାର୍ଟରରେ ନେଦରଲାଣ୍ଡକୁ ହରାଇଲା ଜର୍ମାନୀ

ଭୁବନେଶ୍ୱର

ହକି ବିଶ୍ୱକପ୍‌ର ଏକ ମ୍ୟାଚ୍‌ରେ ୟୁରୋପିଆନ୍ ହେଭିୱେଟ୍ ନେଦରଲ୍ୟାଣ୍ଡସ୍‌କୁ ଜର୍ମାନୀ ୪–୧ ଗୋଲରେ ପରାସ୍ତ କରିଛି । ଏହି ବିଜୟ ସହ ଜର୍ମାନୀ କ୍ରମାଗତ ୨ଟି ମ୍ୟାଚ୍ ଜିତି କ୍ୱାର୍ଟର ଫାଇନାଲ୍ ଖେଳିବାକୁ ପ୍ରବଳ ଦାବିଦାର ହୋଇଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ତୃତୀୟ କ୍ୱାର୍ଟର ପର୍ଯ୍ୟନ୍ତ ସ୍କୋର ୧–୧ରେ ରହିଥିଲା । କିନ୍ତୁ ଜର୍ମାନୀ ଶେଷ କ୍ୱାର୍ଟରେ ଜବରଦସ୍ତ ପ୍ରଦର୍ଶନ କରି ୩ଟି ଗୋଲ୍ ସ୍କୋର କରିବା ସହ ନେଦରଲ୍ୟାଣ୍ଡକୁ ମାତ୍ ଦେଇଥିଲା ।

କଳିଙ୍ଗ ଷ୍ଟାଡ଼ିୟମ୍‌ରେ ଚାଲିଥିବା ବୁଧବାର ମ୍ୟାଚ୍‌ର ଆରମ୍ଭରୁ ଦୁଇ ଦେଶ ବେଶ୍ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲେ । କିନ୍ତୁ ନେଦରଲ୍ୟାଣ୍ଡ ମ୍ୟାଚ୍‌ର ୧୩ତମ ମିନିଟ୍‌ରେ ଗୋଲ କରିବାର ସୁଯୋଗ ପାଇଥିଲା । ଦଳର ପକ୍ଷରୁ ମିରକୋ ପ୍ରୁଇଜସେର ଗୋଲ କରି ନେଦରଲ୍ୟାଣ୍ଡକୁ ୧–୦ରେ ଆଗୁଆ କରି ଦେଇଥିଲେ । ଦ୍ୱିତୀୟ କ୍ୱାର୍ଟରରେ ଜର୍ମାନୀ ଏହାକୁ ପରିଶୋଧ କରିବାକୁ ଯଥେଷ୍ଟ ଚେଷ୍ଟା କରିଥିଲା । କିନ୍ତୁ କ୍ୱାର୍ଟରର ଶେଷ ମିନିଟ୍‌ରେ ହିଁ ଦଳକୁ ଗୋଲ୍‌ର କରିବାର ସ୍ୱାଦ ମିଳିଥିଲା । ଦଳ ପକ୍ଷରୁ ମାଥିଆସ୍ ମୁଲେର ଗୋଲ୍ ସ୍କୋର କରି ସ୍ଥିତି ୧–୧କୁ ଆଣିଥିଲେ ।

ପୁରୁଷ ହକି ବିଶ୍ୱକପ୍

ତୃତୀୟ କ୍ୱାର୍ଟରରେ ନେଦରଲ୍ୟାଣ୍ଡକୁ କ୍ରମାଗତ ୩ଟି ପେନାଲ୍ଟି କର୍ଣ୍ଣର ମିଳିଥିଲେ ହେଁ ଏହାକୁ ଗୋଲରେ ପରିଣତ କରିପାରି ନଥିଲା । ଦଳର ସବୁ ଉଦ୍ୟମକୁ ଜର୍ମାନୀ ଗୋଲ୍‌କିପର ଭଣ୍ଡୁର କରିଦେଇଥିଲେ ।

୪ର୍ଥ କ୍ୱାର୍ଟର ଆରମ୍ଭରୁ ମଧ ନେଦରଲ୍ୟାଣ୍ଡର ଦବ୍‌ଦବା ଦେଖିବାକୁ ମିଳିଥିଲା । ମ୍ୟାଚ୍‌ର ୫୨ ତମ ମିନିଟ୍‌ରେ ସବୁ କିଛି ଓଲଟପାଲଟ ହୋଇଯାଇଥିଲା । ଜର୍ମାନୀ ଅଧିକ ଆଟାକ୍ କରିବା ଆରମ୍ଭ କରିଥିଲା ଜର୍ମାନୀ ପକ୍ଷରୁ ଲୁକାସ ୱିଣ୍ଡଫେଡ଼ର ଏକ ଫିଲ୍ଡ ଗୋଲ କରି ମ୍ୟାଚ୍‌ରେ ଦଳକୁ ୨–୧ରେ ଆଗୁଆ କରିଦେଇଥିଲେ ।

୫୪ତମ ମିନିଟ୍‌ରେ ମାରକୋ ମିଲଟ୍‌କଉ ଗୋଲ୍ ଦେଇ ଗୋଲ ବ୍ୟବଧାନକୁ ୩–୧ କରିଦେଇ ଥିଲେ । ସେହିପରି ୫୮ତମ ମିନିଟ୍‌ରେ ଜର୍ମାନୀକୁ ପେନାଲ୍ଟି କର୍ଣ୍ଣର ମିଳିଥିଲା । ଏହାକୁ ଖ୍ରୀଷ୍ଟପୋର ରୁହର ଗୋଲରେ ପରିଣତ କରି ଗୋଲ ବ୍ୟବଧାନକୁ ୪–୧ କରିଦେଇ ଥିଲେ । ନେଦରଲ୍ୟାଣ୍ଡସ୍ ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଗୋଲ୍ ବ୍ୟବଧାନକୁ ହ୍ରାସ କରିବାକୁ ଚେଷ୍ଟା କରିଥିଲେ ହେଁ ଏହା ସମ୍ଭବ ହୋଇ ପାରି ନଥିଲା ।

ପୁରୁଷ ହକି ବିଶ୍ୱକପ୍ : ଆଜିର ମ୍ୟାଚ୍

ସ୍ପେନ୍ ବନାମ ନ୍ୟୁଜିଲାଣ୍ଡ : ସନ୍ଧ୍ୟା ୫ଟା
ଆର୍ଜେଣ୍ଟିନା ବନାମ ଫ୍ରାନ୍ସ : ରାତି ୭ଟା

ଦିବାରାତ୍ର ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ

ନିମାପଡ଼ା, ନ୍ୟୁଜ୍ ବ୍ୟୁରୋ

ନିମାପଡା ବାରବାଟି ପଡ଼ିଆରେ ଆସନ୍ତା ୮ଏବଂ୯ ତାରିଖରେ ଲଲାଟେନ୍ଦୁ ସ୍ମାରକୀ ୪ର୍ଥ ଦିବାରାତ୍ର ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବାକୁ ଯାଉଛି । ସୋମବାର ନିମାପଡ଼ାସ୍ଥିତ ଗ୍ରୀନଲ୍ୟାଣ୍ଡ ଗେଷ୍ଟହାଉସରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏସ୍.ପି ଫାଉଣ୍ଡେସନର ଅଧକ୍ଷ ଶ୍ୱେତପର୍ଣ୍ଣା ମହାପାତ୍ର ଏବଂ ସଂଗଠନର ସଂଯୋଜକ ଚନ୍ଦ୍ରକାନ୍ତ ବରାଳ ପ୍ରମୁଖ ଯୋଗଦେଇ ଏହି ସୂଚନା ଦେଇଥିଲେ । ଏହି ରାଜ୍ୟସ୍ତରୀୟ ମ୍ୟାଚରେ ୮ଟି ଦଳ ଭାଗନେବା ପାଇଁ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ୁଛି । ପ୍ରଥମ ମ୍ୟାଚରେ ୭୩–କ୍ଲବ ଭୁବନେଶ୍ୱର ଓ କଟକ ମଙ୍ଗଳା କ୍ଲବ, ୨ୟ ମ୍ୟାଚରେ ଆଠ ମଲ୍ଲିକ ଓ ସ୍ପୋର୍ଟସ ହଷ୍ଟେଲ ବାରିପଦା, ୩ୟ ଫ୍ରେଣ୍ଡସ ପାରାଡ଼ାଇସ ଜଟଣୀ ଓ ନାଲ୍‌କା ଅନୁଗୁଳ, ୪ର୍ଥ ରଣପୁର ଫୁଟ୍‌ବଲ୍ ଆସୋସିଏସନ ଓ ସ୍ପୋର୍ଟସ ହଷ୍ଟେଲ କଟକ ମଧ୍ୟରେ ଅନୁଷ୍ଠିତ ହେବ । ୯ତାରିଖରେ ଫାଇନାଲମ୍ୟାଚ ଅନୁଷ୍ଠିତ ହେବ ।

Org.
Foundation

କେଡିଏମ କ୍ରିକେଟ୍ ଟୁର୍ଣ୍ଣମେଣ୍ଟ : ଚୋରମୁହାଁ ଓ ନଠୁଆବର ବିଜୟୀ

ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ

ଧର୍ମଶାଳା ନିର୍ବାଚନ ମଣ୍ଡଳୀର ବଡ଼କାଏମାଷ୍ଥିତ ଖେଳ ପଡ଼ିଆରେ ଚତୁର୍ଥ କଳ୍ପତରୁ ଦାସ ମେମୋରିଆଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ୍‌ରେ ବୁଧବାର ଅନୁଷ୍ଠିତ ଦୁଇଟି ମ୍ୟାଚରେ ଚୋରମୁହାଁ ଓ ନଠୁଆବର ଟିମ୍ ବିଜୟୀ ହୋଇଛନ୍ତି । ପ୍ରଥମ ମ୍ୟାଚ୍‌ରେ ଭବାନୀପୁର ବ୍ୟାଟିଂକରି ନିର୍ଦ୍ଧାରିତ ୧୫ ଓଭର ମଧ୍ୟରୁ ୮ଉଇକେଟ ହରାଇ ୧୧୮ ରନ୍ ସଂଗ୍ରହ କରିଥିଲା । ଦଳପକ୍ଷରୁ ପର୍ଶୁରାମ ନାୟକ ସର୍ବାଧିକ ୩୪ରନ୍ ସଂଗ୍ରହ କରିଥିଲେ । ବିପକ୍ଷ ଚୋରମୁହାଁ ଦଳର ସୁମନ ଦାସ ଓ ଆନନ୍ଦ ବେହେରା ୨ଟି ଲେଖାଏଁ ଉଇକେଟ ନେଇଥିଲେ । ଜବାବରେ ଚୋରମୁହାଁ କ୍ରିକେଟ୍ ଟିମ୍ ୧୪ ଓଭରରେ ୭ ଉଇକେଟ ହାରାଇ ୧୧୯ରନ୍ କରି ବିଜୟୀ ହୋଇଥିଲା । ଦଳ ପକ୍ଷରୁ ସୁରଜ ବେହେରା ୨୭ରନ୍ ସଂଗ୍ରହ କରିଥିଲେ । ବିପକ୍ଷ ଦଳର ସାଗର ନାୟକ ଓ ବିକାଶ ଦାସ ୨ଟି ଲେଖାଏଁ ଉଇକେଟ ନେଇଥିଲେ । ଦ୍ୱିତୀୟ ମ୍ୟାଚ୍ ନଠୁଆବର ଓ କୋଟପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ନଠୁଅବର କ୍ରିକେଟ୍ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭର ମଧ୍ୟରୁ ୧୪.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୩୦ରନ୍ ସଂଗ୍ରହ କରିଥିଲା । ଦଳପକ୍ଷରୁ ଲୋକନାଥ ନାୟକ ୩୨ରନ୍ ସଂଗ୍ରହ କରିଥିଲେ । ବିପକ୍ଷ କୋଟପୁର ଦଳର ଗୋବିନ୍ଦ ସାହୁ ୩ଟି ଉଇକେଟ ନେଇଥିଲେ । ଜବାବରେ କୋଟପୁର ଟିମ୍ ବ୍ୟାଟିଂ କରି ୧୪.୪ ଓଭରରେ ସମସ୍ତ ଉଇକେଟ ହରାଇ ୧୧୨ରନ୍ କରି ପରାସ୍ତ ହୋଇଥିଲା । ଦଳପକ୍ଷରୁ ସୁମନ୍ତ ଦାସ ୧୯ରନ୍ ସଂଗ୍ରହ କରିଥିଲେ । ବିପକ୍ଷ ଚିରଞ୍ଜୀବୀ ନାୟକ ଓ ପ୍ରସାଦ ଆଦିତ୍ୟ ୩ଟି ଲେଖାଏଁ ଉଇକେଟ ନେଇଥିଲେ । ଆଜିର ଏହି ଦୁଇଟି ମ୍ୟାଚକୁ ଇନ୍ତେକାବ୍ ଆଲାମ୍ ଓ ଦୀଲକ୍ ଜେନା ପରିଚାଳନା କରିଥିଲେ । ଉଭୟ ଖେଳରେ ବାସୁଦେବ ମିଶ୍ର, ପ୍ରକାଶ ଧଳ ସ୍କୋରର୍‌ରେ ସହାୟତା କରିଥିଲେ । ଗୁରୁବାର ପ୍ରଥମ ସେମିଫାଇନାଲ୍ କୁମାରୀ କ୍ରିକେଟ ଟିମ୍ ସହିତ ନଠୁଆବର ଓ ଦ୍ୱିତୀୟ ମ୍ୟାଚ୍ ଚହଟା ଓ ଚୋରମୁହାଁ ମଧ୍ୟରେ ଅନୁଷ୍ଠିତ ହେବ ବୋଲି କେଡିଏମ ଅଧକ୍ଷ ପ୍ରଭାତ କୁମାର ବଳବନ୍ତରାୟ ସୂଚନା ଦେଇଛନ୍ତି ।

ଭାରତ–ଅଷ୍ଟ୍ରେଲିଆ ଟେଷ୍ଟ ସିରିଜ୍ ପାଇଁ ଉଭୟ ଟିମ୍ ଘୋଷିତ

ଆଡ଼େଲେଡ୍

ଗୁରୁବାର ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ପ୍ରଥମ ଟେଷ୍ଟ ଆଡ଼େଲେଡ୍‌ରେ ଆରମ୍ଭ ହେବ । ଦୀର୍ଘ ୭୦ ବର୍ଷ ପରେ ଟିମ୍ ଇଣ୍ଡିଆ ଅଷ୍ଟ୍ରେଲିଆ ମାଟିରେ କଙ୍ଗାରୁ ଦଳକୁ ମାତ୍ ଦେଇ ସିରିଜ୍ କବ୍‌ଜା କରିବାକୁ ଲକ୍ଷ୍ୟ ରଖିଛି । ଏଥିପାଇଁ ଦଳ ପୂରା ପ୍ରସ୍ତୁତ କରି ସାରିଥିବା ବେଳେ ୧୨ ଜଣିଆ ସାମ୍ଭାବ୍ୟ ଦଳ ମଧ୍ୟ ଘୋଷଣା କରିଛି । ପେସ୍ ବୋଲରଙ୍କୁ ସୁହାଉଥିବା ଆଡ଼େଲେଡ୍‌ରେ ଦଳ ୩ ଜଣ ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରା, ମହମ୍ମଦ ଶାମି ଓ ଇଶାନ୍ତ ଶର୍ମାଙ୍କୁ ନେଇ ପଡ଼ିଆକୁ ଓହ୍ଲାଇବ । ସେହିପରି ସ୍ପିନ୍ ଦାୟିତ୍ୱ କେବଳ ରବିଚନ୍ଦ୍ର ଅଶ୍ୱିନୀଙ୍କ ଉପରେ ରହିବ । ରୋହିତ ଶର୍ମା ଓ ହନୁମା ବିହାରୀଙ୍କ ମଧ୍ୟରୁ ଜଣଙ୍କୁ ଚୂଡ଼ାନ୍ତ ଏକାଦଶରେ ସାମିଲ କରାଯିବ । ସମ୍ଭବତଃ ଆଉ ଜଣେ ସ୍ପିନରଙ୍କ କଥା ବିଚାରକୁ ଟିମ୍ ମ୍ୟାନେଜମେଣ୍ଟ ରୋହିତଙ୍କ ବଦଳରେ ହନୁମା ବିହାରୀଙ୍କୁ ସୁଯୋଗ ଦେଇପାରେ । ଦଳରେ ୭ ଜଣ ବ୍ୟାଟସ୍‌ମ୍ୟାନ୍ ରହିବେ । ମୁରଲୀ ବିଜୟ ଓ କେଏଲ୍ ରାହୁଲ ଓପନିଂ କରିବା ଏକ ପ୍ରକାରର ନିଶ୍ଚିତ । ମିଡ଼ିଲ ଅର୍ଡ଼ର ଦାୟିତ୍ୱ ଚେତେଶ୍ୱର ପୂଜାରା, ବିରାଟ୍ କୋହଲି ଏବଂ ଅଜିଙ୍କ୍ୟ ରାହଣେଙ୍କ ଉପରେ ରହିବ ୱିକେଟ୍ କିପର ବ୍ୟାଟସମ୍ୟାନ୍ ଭାବେ ରିଷଭ ପନ୍ତ ଟିମ୍‌ରେ ରହିବେ । ଅନ୍ୟପକ୍ଷରେ ଅଷ୍ଟ୍ରେଲିଆ ମଧ ତା'ର ଚୂଡ଼ାନ୍ତ ୧୧ ଜଣିଆ ଦଳ ଘୋଷଣା କରିଛି । ଯେଉଁଥିରେ ଅଲରାଉଣ୍ଡର ମିଚେଲ ମାର୍ଶଙ୍କୁ ସୁଯୋଗ ମିଳିନି ଦଳ ୩ ଜଣ ଦ୍ରୁତ ବୋଲର ମିଚେଲ ଷ୍ଟାର୍କ, ପ୍ୟାଟ୍ କମିନ୍ସ ଓ ଜୋସ ହାଜଲଉଡ୍‌ଙ୍କୁ ସାମିଲ କରିଛି । ସେହିପରି ସ୍ପିନ ବୋଲର ନାଥନ ଲିୟନ ମଧ ରହିଛନ୍ତି । ତେବେ ଅଷ୍ଟ୍ରେଲିଆ ପକ୍ଷରୁ ମାରକ୍ସ ହ୍ୟାରିସ୍ ଡେବ୍ୟୁ କରିବେ । ସେ ଆରନ୍ ଫିଞ୍ଚଙ୍କ ସହ ଓପନିଂ କରିବେ ବୋଲି ଅଧିନାୟକ ଟିମ୍ ପାଇନ୍ କହିଛନ୍ତି ମଧକ୍ରମରେ ଶନ୍ ମାର୍ଶ, ପିଟର ହ୍ୟାଣ୍ଡସ୍କମ୍ବ, ଟ୍ରାଭିସ୍ ହେଡ୍ ଓ ଉସ୍‌ମାନ ଖ୍ୱାଜା ରହିବେ । ୱିକେଟ୍ କିପିଂ ଦାୟିତ୍ୱ ନିଜେ ଅଧିନାୟକ ପାଇନ୍ ସମ୍ଭାଳିବେ । ଏହି ମ୍ୟାଚ୍‌ଟିକୁ ଦେଖିବାକୁ ହେଲେ ଭାରତୀୟ ଦର୍ଶକଙ୍କୁ ଭୋର୍ ୫.୨୭ରୁ ଉଠିବାକୁ ପଡ଼ିବ । କାରଣ ଭାରତୀୟ ସମୟ ୫.୨୭ରୁ ଏହା ସୋନି ନେଟୱର୍କରେ ସିଧାପ୍ରସାରଣ ହେବ ।

କର୍ମଚାରୀ ଭବିଷ୍ୟନିଧି ସଂଗଠନ ପୂର୍ବାଞ୍ଚଳ ଫୁଟବଲ ପ୍ରତିଯୋଗିତା : ଝାଡ଼ଖଣ୍ଡ ଚାମ୍ପିଅନ

ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ

ବୁଧବାର ପୂର୍ବାହ୍ନରେ 'ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର' ଷ୍ଟାଡ଼ିୟମ୍‌ରେ କର୍ମଚାରୀ ଭବିଷ୍ୟନିଧି ସଂଗଠନ, ପୂର୍ବାଞ୍ଚଳର ଫୁଟ୍‌ବଲ୍ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି । ଡିସେମ୍ବର ୩ ତାରିଖ ଠାରୁ ଆରମ୍ଭ ହୋଇଥିବା ଏହି ଆଞ୍ଚଳିକ ଫୁଟ୍‌ବଲ୍ ପ୍ରତିଯୋଗିତାରେ ଆୟୋଜକ ଓଡ଼ିଶା ସହ ପଶ୍ଚିମବଙ୍ଗ, ବିହାର ଓ ଝାଡ଼ଖଣ୍ଡ ଦଳ ଅଂଶଗ୍ରହଣ କରିଥିଲା । ବୁଧବାର ଫାଇନାଲ ମ୍ୟାଚ୍‌ରେ ଝାଡ଼ଖଣ୍ଡ ଦଳ ପୂର୍ବ ବର୍ଷର ଚାମ୍ପିଅନ ପଶ୍ଚିମବଙ୍ଗକୁ ୨–୧ ଗୋଲରେ ହରାଇ ଚାମ୍ପିଅନ ହୋଇଛି ।

ଉଦ୍‌ଯାପନୀ ଉତ୍ସବରେ 'ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର'ର କୁଳପତି ଡ. ଅମିତ୍ ବାନାର୍ଜୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଚାମ୍ପିଅନ ଦଳକୁ ଟ୍ରଫି ପ୍ରଦାନ କରିଥିଲେ । ଅତିରିକ୍ତ ଭବିଷ୍ୟନିଧି ଆୟୁକ୍ତ, ଓଡ଼ିଶା ପି. ବୀରଭଦ୍ର ସ୍ୱାମୀ, ଆଞ୍ଚଳିକ ଭବିଷ୍ୟନିଧି କମିଶନର ସଞ୍ଜୟ ମିଶ୍ର, ରବୀନ୍ଦ୍ର ସାମଲ ଓ ସୋମ୍ୟକାନ୍ତ ଗୁପ୍ତା ପ୍ରମୁଖ ମଞ୍ଚରେ ଉପସ୍ଥିତ ରହି ଅନ୍ୟାନ୍ୟ ପୁରସ୍କାର ପ୍ରଦାନ କରିଥିଲେ ଓ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ସହକାରୀ ଭବିଷ୍ୟନିଧି ଆୟୁକ୍ତ ସଞ୍ଜୟ କୁମାର ରଥ, ସୁଶ୍ରୀ ମୌସୁମୀ ଲତା ପାଢ଼ୀ ଓ ସନ୍ଦୀପ ଦତ୍ତ ମଜୁମ୍‌ଦାର ପ୍ରମୁଖ ସଭାକାର୍ଯ୍ୟ ପରିଚାଳନା କରିଥିଲେ । ଅନୁଷ୍ଠାନର କ୍ରୀଡ଼ା ଅଧିକାରୀ ସୁନୀତା ବର୍ମା ଖେଳ ପରିଚାଳନାରେ ସହଯୋଗ କରିଥିଲା ବେଳେ ଡିନ୍ (ଛାତ୍ର ମଙ୍ଗଳ) ଜ୍ୟୋତିରଞ୍ଜନ ଦାସ ପ୍ରତିଯୋଗିତାର ମୁଖ୍ୟ ସଂଯୋଜକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ । ସଂଗ୍ରାମ କେଶରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ପୂର୍ବାଞ୍ଚଳର ଚାମ୍ପିଅନ ଦଳ ଭାବେ ଝାଡ଼ଖଣ୍ଡ ଦଳ ସର୍ବଭାରତୀୟ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବ ।

ବିସିଏ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ନାଲ୍‌କୋକୁ ହରାଇ ଢେଙ୍କାନାଳ ୨ୟ ସେମିରେ

ଭୁବନ, ନ୍ୟୁଜ୍ ବ୍ୟୁରୋ

ଢେଙ୍କାନାଳ ଜିଲା ଭୁବନ ଏନଏସିର ମା' ବାଟ ତାରିଣୀ ଖେଳ ପଡ଼ିଆ ଠାରେ ଭୁବନ କ୍ରିକେଟ ଆସୋସିଏସନ ୬ଷ୍ଠ ବାର୍ଷିକ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଚତୁର୍ଥ ଦିନରେ ନାଲ୍‌କୋ ବ୍ଲୁ ରାଇଜସ୍‌କୁ ହରାଇ ଢେଙ୍କାନାଳ କ୍ରକେଟ କ୍ଲବ୍ ବିଜୟୀ ହୋଇଯାଇଛି । ଭୁବନ କ୍ରିକେଟ ଆସୋସିଏସନ ସଂଯୋଜକ ନିରଞ୍ଜନଗୁରୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଚତୁର୍ଥ ମ୍ୟାଚକୁ ଢେଙ୍କାନାଳ ସାଂସଦ ତଥାଗତ ଶତପଥୀ ଉଦ୍‌ଘାଟନ କରିଥିଲେ । ଅନ୍ୟତମ ଅତିଥି ଭାବେ ଆଞ୍ଚଳିକ ବାଣିଜ୍ୟ ପ୍ରତିଷ୍ଠାନର ଉପସଭାନେତ୍ରୀ ସାଗରିକା ମିଶ୍ର, ଭୁବନ ସମବାୟ ସମିତି ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ, ଗଣେଶ ବଜାର କମିଟି ସଭାପତି ଶୁଭେନ୍ଦୁ ସାହୁ ଯୋଗଦେଇଥିଲେ । ପ୍ରଥମେ ଟସ୍ ଜିତି ଢେଙ୍କାନାଳ କ୍ରିକେଟ କ୍ଲବ ନିର୍ଦ୍ଧାରିତ ୨୦ ଓଭରରେ ୪ ୱିକେଟ ହରାଇ ୨୫୩ ରନ କରିଥିଲେ । ଦଳ ପକ୍ଷରୁ ତନ୍ମୟ ମହାନ୍ତି ସର୍ବାଧିକ ୧୦୦ ରନ ସଂଗ୍ରହ କରିଥିଲେ । ଜବାବରେ ନାଲକୋ ବ୍ଲୁ ରାଇଜର୍ସ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ହରାଇ ୨୦୫ ରନ କରିବାକୁ ହୋଇଥିଲେ । ଖେଳ ପରିଚାଳନା କରିଥିଲେ ଅମିତ ବେହେରା ଓ ଲକ୍ଷ୍ମୀଧର ସାହୁ । ସୌଭାଗ୍ୟ ସାହୁ କମେନଟେଟର ଭାବେ କାର୍ଯ୍ୟ କରିଥିଲେ । ପ୍ରଥମ ସେମିଫାଇନାଲ ମ୍ୟାଚ ବାଲବାବା କ୍ରିକେଟ କ୍ଲବ, କେନ୍ଦ୍ରାପଡ଼ା ଓ ରାଧାନାଥ ସ୍ପୋର୍ଟିଂ ସୋର ବାଲେଶ୍ୱର ମଧ୍ୟରେ ଗୁରୁବାର ଅନୁଷ୍ଠିତ ହେବ । ସୁଶାନ୍ତ ପୃଷ୍ଟି, ରମେଶ ସାହୁ, ସୌଭାଗ୍ୟ ସାହୁ ଦୀପକ ପୃଷ୍ଟି, ରଞ୍ଜନ ପୃଷ୍ଟି ରଞ୍ଜନ ପୋଥାଳ, ଭଗବାନ ସାହୁ, ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ । ଆକାଶ କୁମାର ସାହୁ, ଜିତନ କୁମାର ସାହୁ ସ୍କୋରର ଭାବେ କାର୍ଯ୍ୟ ତୁଲାଇଥିଲେ ।

—॥ ଗଞ୍ଜାମ ଜିଲ୍ଲା ସମାଚାର ॥—

କ୍ରିକେଟ୍ ମ୍ୟାଚ୍‌କୁ ନେଇ ରାଜନୀତି : ବିଜେଡ଼ି ସାମିଲ, ବିଜେପିର ବିରୋଧ

ରଙ୍ଗେଇଲୁଣ୍ଡା, ନ୍ୟୁଜ୍ ବ୍ୟୁରୋ

କନିଷି ହାଇସ୍କୁଲ ଖେଳପଡ଼ିଆରେ ବିଜୁ ଯୁବ ବାହିନୀର କ୍ରିକେଟ୍ ପ୍ରତିଯୋଗିତାକୁ ନେଇ ଗୋପାଳପୁର ନିର୍ବାଚନ ମଣ୍ଡଳୀରେ ରାଜନୀତିକ ବଳ କଷାକଷି ଆରମ୍ଭ ହୋଇଯାଇଛି । ରାଜ୍ୟ ସରକାରଙ୍କର ଯୁବ କଲ୍ୟାଣ ପରିଷଦ ଆନୁକୁଲ୍ୟରେ ବିଜୁ ଯୁବବାହିନୀ ପକ୍ଷରୁ କ୍ରିକେଟ୍ ପ୍ରତିଯୋଗିତା ରଙ୍ଗେଇଲୁଣ୍ଡା ବ୍ଲକ ଅନ୍ତର୍ଗତ ୩୨ଟି ପଞ୍ଚାୟତ ଓ ଗୋପାଳପୁର ଏନ୍‌ଏସିକୁ ମିଶାଇ ୩୩ଟି ଦଳ କନିଷି ହାଇସ୍କୁଲ ଖେଳପଡ଼ିଆରେ ଉଦ୍‌ଘାଟନ ହୋଇଥିବା ବେଳେ ଏହାକୁ ସ୍ଥାନୀୟ ବିଧାୟକ ଡ.ପ୍ରଦୀପ କୁମାର ପାଣିଗ୍ରାହୀ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ତେବେ ଏହି ଘଟଣାକୁ ବିଜେପି ଯୁବମୋର୍ଚ୍ଚା ଜୋରଜାର ବିରୋଧ କରିଛି । ଯୁବ ମୋର୍ଚ୍ଚା ଅଭିଯୋଗ କରିଛି ଯେ, କନିଷିସ୍ଥିତ ବାଲାଜୀ ବିଦ୍ୟାପୀଠ ଖେଳପଡ଼ିଆ ଓ ଗୋଳନ୍ଥରା ସ୍ଥିତ ବିଶ୍ୱନାଥ ଉଚ୍ଚ ବୈଷୟିକ ବିଦ୍ୟାଳୟ ପଡ଼ିଆରେ ବିଜୁ ଯୁବବାହିନୀ ବର୍ତ୍ତମାନ ସମୟରେ କ୍ରିକେଟ୍ ମ୍ୟାଚ ଆୟୋଜିତ କରିଥିବା ବେଳେ ଏହା କେବଳ ରାଜନୈତିକ ଫାଇଦା ପାଇଁ ସ୍ଥାନୀୟ ବିଧାୟକଙ୍କ ଇଙ୍ଗିତରେ କରାଯାଇଛି । କାରଣ ଏହାଦ୍ୱାରା ୧୦ ଶ୍ରେଣୀ ଅର୍ଦ୍ଧବାର୍ଷିକ ପରୀକ୍ଷା ଆରମ୍ଭ ହୋଇଥିବା ବେଳେ ଛାତ୍ରଛାତ୍ରୀଙ୍କର ପରୀକ୍ଷା ପ୍ରତି ଉକ୍ତ କ୍ରୀଡ଼ା ପ୍ରତିଯୋଗିତା ପ୍ରତିକୂଳ ପ୍ରଭାବ ପକାଇବ । ତେଣୁ କେଉଁ ପରିସ୍ଥିତିରେ ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯାଇଛି ଓ କିଏ ଅନୁମତି ଦେଇଛି ବୋଲି ଯୁବମୋର୍ଚ୍ଚା ପ୍ରଶ୍ନ କରିଛି । ଏନେଇ ଯୁବମୋର୍ଚ୍ଚା ଜିଲ୍ଲାପାଳଙ୍କୁ ତୁରନ୍ତ ଏହି ଟୁର୍ଣ୍ଣାମେଣ୍ଟ ବନ୍ଦ କରିବା ପାଇଁ ଦାବି ଜଣାଇଛି । ଅନ୍ୟ ପକ୍ଷରେ ବିଜେଡ଼ି ଏଥିରେ କୌଣସି ରାଜନୀତି ନାହିଁ ବୋଲି କହିଛି । କ୍ରିକେଟ୍ ପ୍ରତିଯୋଗିତାରେ ସ୍ଥାନୀୟ ବିଧାୟକଙ୍କ ସହ ତହସିଲଦାର ଶରତ ଚନ୍ଦ୍ର ମହାପାତ୍ର, ବିଡ଼ିଓ କୁମାର ନାଗଭୂଷଣ, ଗୋଳନ୍ଥରା ଥାନା ଅଧିକାରୀ ଆଲୋକ ଜେନା, ବିଜୁ ଯୁବବାହିନୀ ସଂଯୋଜକ ଭେଙ୍କଟ ରାଉଳ, ଜିଲ୍ଲା ପରିଷଦ ସଭ୍ୟା ମଞ୍ଜୁଶ୍ରୀ ଦଳେଇ, ସରପଞ୍ଚ ରାଜେଶ୍ୱରୀ ଦୋରା, ଏସ୍.ଶ୍ରୀନୁ ରେଡ଼ି, ସର୍ବେଶ୍ୱର ରାଓ, ମମତା ମହାନ୍ତି, ପ୍ରକାଶ ସାମନ୍ତ, ଦମୟନ୍ତୀ ରେଡ଼ି, ବ୍ଲକ ବିଜେଡ଼ି ସଭାପତି ସିଏଚ୍.ଭରତ, ମନୁ ପାତ୍ର, ନରେନ୍ଦ୍ର ଦଳାଇ, ବିଜେଡ଼ି ଜିଲ୍ଲା ସମ୍ପାଦକ ସିଏଚ୍ ଦିଲେଶ୍ୱର ରେଡ଼ି, ପ୍ରଦୀପ ସାହୁଙ୍କ ସମେତ ବହୁ ବିଜେଡ଼ି କର୍ମୀ ଉପସ୍ଥିତ ଥିଲେ । ସେହିପରି ବିଜେପି ଯୁବମୋର୍ଚ୍ଚାର ଦାବିପତ୍ର ଦେବାବେଳେ ବିଜେପି ଜିଲ୍ଲା ସଭାପତି କାହ୍ନୁଚରଣ ପତି, ରାମକୁମାର ପାତ୍ର, ରବୀନ୍ଦ୍ର କୁମାର ସାହୁ, ସାଗର ନାୟକ, ପ୍ରେମଚନ୍ଦ୍ର ମଣ୍ଡଳ, ସତ୍ୟପ୍ରିୟ ତ୍ରିପାଠୀ, ରାଜେଶ୍ୱର ମହାରଣା, କାହ୍ନୁ ବେହେରା, ମୁରଲୀ ଦାସ, ମାନସ ରଞ୍ଜନ ଜେନା, କମଲ କୁମାର ପଣ୍ଡିତ, ଗୌରୀନାଥ ମହାରଣା, ରାଜୀବ ସାହୁ, ରଜତ କୁମାର ପଣ୍ଡିତ, ସୁରେନ୍ଦ୍ର ପାତ୍ରଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ ।

ରମ୍ଭାରେ ମହିଳା ଆତ୍ମସୁରକ୍ଷା ତାଲିମ ଶିବିର

ରମ୍ଭା, ନ୍ୟୁଜ୍ ବ୍ୟୁରୋ

ସ୍ଥାନୀୟ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ ସଭାଗୃହ ପରିସରରେ ଭାରପ୍ରାପ୍ତ ଅଧକ୍ଷ ରମେଶ ଚନ୍ଦ୍ର ପାଢ଼ୀଙ୍କ ସଭାପତିତ୍ୱରେ ମହିଳା ଆତ୍ମସୁରକ୍ଷା କୌଶଳ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହାକୁ ଉଦ୍‌ଘାଟନ ସମୟରେ ସନ୍ଧ୍ୟାରାଣୀ ଦିବ୍ୟାଭାରତୀ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିବା ବେଳେ ଅଧ୍ୟାପକ ଅମ୍ବିକା ପ୍ରସାଦ ସାମନ୍ତରାୟ ଅତିଥି ପରିଚୟ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ଭାବେ ଗଞ୍ଜାମ ଜିଲ୍ଲା ଉଚ୍ଚ ଶିକ୍ଷା ପରାମର୍ଶଦାତା ଶେଷଦେବ ସାହୁ ଯୋଗଦେଇ ମହିଳାଙ୍କ ସୁରକ୍ଷା ଉପରେ ମତ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅମୃତା କୁମାର ସେଠୀ, ପ୍ରବୀଣ ମହାରଣା ପ୍ରମୁଖ ମଞ୍ଚାସୀନ ଥିଲେ । ୯୦ଜଣ ଛାତ୍ରଛାତ୍ରୀଙ୍କୁ ନେଇ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି ।

ମାଇକ୍ରୋଫାଇନାନ୍ସ କ୍ଷତିଗ୍ରସ୍ତ ଜମାକାରୀ ଓ କର୍ମଚାରୀଙ୍କ ମିଳିତ ବୈଠକ

ଦିଗପହଣ୍ଡି, ନ୍ୟୁଜ୍ ବ୍ୟୁରୋ

ବୁଧବାର ଅପରାହ୍ନରେ ସ୍ଥାନୀୟ କମାପଡ଼ିଆ ଶୈବପୀଠରେ ରାମଚନ୍ଦ୍ର ଚୌଧୁରୀଙ୍କ ଅଧକ୍ଷତାରେ ମାଇକ୍ରୋଫାଇନାନ୍ସ ଲିମିଟେଡ୍‌ର କ୍ଷତିଗ୍ରସ୍ତ ଜମାକାରୀ ଓ କ୍ଷେତ୍ରକର୍ମଚାରୀଙ୍କ ମିଳିତ ବୈଠକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସିବିଆଇ ଅଦାଲତ ନିର୍ଦ୍ଦେଶକ୍ରମେ ଗତ ୨୦୧୭ ଅକ୍ଟୋବର ମାସରେ ଭୁବନେଶ୍ୱର ସ୍ଥିତ ସ୍ୱତନ୍ତ୍ର ସିବିଆଇ କୋର୍ଟ ଜମାକାରୀଙ୍କୁ ତୁରନ୍ତ ଅର୍ଥ ଫେରସ୍ତ ପାଇଁ ନିର୍ଦ୍ଦେଶ ଦେଇଥିବା ସତ୍ତ୍ୱେ ଚିଟ୍‌ଫଣ୍ଡ କମ୍ପାନୀ କର୍ତ୍ତୃପକ୍ଷ ଏଯାବତ୍ ଜମା ଅର୍ଥରାଶି ଫେରସ୍ତ କରିନଥିବା ନେଇ ବୈଠକରେ ସବିଶେଷ ଆଲୋଚନା କରାଯାଇଥିଲା । ସରକାର ଏଥିପ୍ରତି ଦୃଷ୍ଟି ନ ଦେବା କାରଣରୁ ବୈଠକରେ ଉପସ୍ଥିତ ଥିବା କ୍ଷେତ୍ରକର୍ମଚାରୀ, ଏଜେଣ୍ଟ ଓ ଜମାକାରୀମାନେ ଗଭୀର ଅସନ୍ତୋଷ ପ୍ରକାଶ କରିଥିଲେ । ଜମାକାରୀଙ୍କ ଅର୍ଥରାଶି ତୁରନ୍ତ ଫେରସ୍ତ ଦାବିରେ ମହାସଂଘ ପକ୍ଷରୁ ଆନ୍ଦୋଳନାତ୍ମକ କାର୍ଯ୍ୟପନ୍ଥା ହାତକୁ ନିଆଯିବ ବୋଲି ଉପସ୍ଥିତ କର୍ମକର୍ତ୍ତାବୃନ୍ଦ ଚେତାବନୀ ଦେଇଥିଲେ । ସମୁଦାୟ ୪୧୦ କୋଟି ଟଙ୍କା ଫେରସ୍ତ କରିବା ପାଇଁ ଚିଟଫଣ୍ଡ କମ୍ପାନୀ କର୍ତ୍ତୃପକ୍ଷ ମାନ୍ୟବର କୋର୍ଟଙ୍କ ନିକଟରେ ଲିଖିତ ଭାବେ ଜଣାଇଥିଲେ ସୁଦ୍ଧା ସରକାରୀ ସ୍ତରରେ ଏନେଇ କୌଣସି ପଦକ୍ଷେପ ନିଆଯାଇନଥିବା ମହାସଂଘ ଆବାହକ ରାମଚନ୍ଦ୍ର ଚୌଧୁରୀ ଉକ୍ତ ବୈଠକରେ ପ୍ରକାଶ କରିଥିଲେ । ଏହି ବୈଠକରେ ଆସ୍କା, ଚିକିଟି, ଦିଗପହଣ୍ଡି, କୁକୁଡାଖଣ୍ଡି, ଗଞ୍ଜାମ, ପୋଡ଼ାମାରୀ, କାଟୁ ପ୍ରମୁଖ ଗ୍ରାମର ସଭ୍ୟମାନେ ଉପସ୍ଥିତ ଥିଲେ । ଏହି ଅବସରରେ ପି. ଲକ୍ଷ୍ମୀ ନାରାୟଣ ସୁବୁଦ୍ଧି, ଗୋପାଳ କୃଷ୍ଣ ପଣ୍ଡା, ଏନ୍. ରଘୁନାଥ, ଯଯାତି କେଶରୀ ପଲେଇ, ରଘୁନାଥ ମହାକୁଡ଼, ଦୁର୍ଗା ମାଧବ ତ୍ରିପାଠୀ, ଶ୍ରୀନିବାସ ପାଢ଼ୀ, ପାଣ ସାହୁ, ଅଳକନାଥ ମିଶ୍ର, କାହ୍ନୁ ସାହୁ, ସଞ୍ଜୟ ପୁଜାରୀ, କାମାକ୍ଷୀ ପ୍ରସାଦ ସାହୁ ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

ଜୁଆ ଆଡ୍ଡାରେ ଚଢ଼ଉ

ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ

ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ କୁକୁଡ଼ାଖଣ୍ଡି ମେଡ଼ିକାଲ ପଛପଟେ ଦୀର୍ଘଦିନ ଧରି ଚାଲିଥିବା ଜୁଆ ଆଡ୍ଡା ଉପରେ ପୋଲିସ ରାତିରେ ସଦଳବଳେ ଚଢ଼ାଉ କରିଛି । ଏବଂ ୫୧ ହଜାର ଟଙ୍କା, ୭ଟି ମୋବାଇଲ ପୋଲିସ ଜବତ କରିଛି । ତେବେ ଏଥିରେ ବହୁ ବଡ଼ବଡ଼ିଆ ସଂପୃକ୍ତି ଥିବାର ଜଣାପଡ଼ିଛି । ଅସମର୍ଥିତ ସୂଚନା ମୁତାବକ ବହୁ ଦିନ ଧରି ଚାଲିଥିବା ଏହି ଜୁଆ ଆଡ୍ଡାକୁ ସନ୍ତୋଷ ଗୌଡ଼ ଚଲାଉଥିବା ବେଳେ କୁକୁଡ଼ାଖଣ୍ଡି ସେବା ସମବାୟ ସମିତି ସମ୍ପାଦକ ସମୀର ପଣ୍ଡା, ବିଜେପି ଯୁବନେତା ପି.ଶିବାନନ୍ଦ, ବିଲଡର ଶରତ ଦାସ, ଏ.ବାନାର୍ଜୀ, ଏ.ସୁନୀଲ କୁମାର, ପ୍ରତିଷ୍ଠିତ ବ୍ୟବସାୟୀ ବନବାସୀ ପାଢ଼ୀଙ୍କୁ ପୋଲିସ ଗିରଫ କରିଛି ।

ତୀର୍ଥ ସୁଯୋଗରେ ଲୁଟ୍ : ଧରାପଡ଼ିଲା ଡ଼କାୟତ

ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ

କାର୍ତ୍ତିକ ମାସରେ ତୀର୍ଥ କରିବାକୁ ଯାଇଥିବା ସୁଯୋଗରେ ଘରେ କେହି ନଥିବାର ଜାଣି କଳାକନା ବୁଲାଇଥିଲେ ଡକାୟତ । ତେବେ ପୋଲିସର ତ୍ୱରିତ ପଦକ୍ଷେପ ହେତୁ ଉକ୍ତ ଡକାୟତ ଦଳ ଆଉ ଏକ କାରନାମା କରିବା ପୂର୍ବରୁ ଧରାପଡ଼ିଛନ୍ତି । ମଙ୍ଗଳବାର ଟାଉନ ଥାନାରେ ଏକ ସାମ୍ବାଦିକ ସମ୍ମିଳନୀରେ ଏନେଇ ଟାଉନ୍ ଏଏସ୍‌ପି ପ୍ରଭାତ ରାଉତରାୟ ସୂଚନା ଦେଇଛନ୍ତି । ସୁଚନାଯୋଗ୍ୟ ଯେ, ଧର୍ମାନଗର ନିବାସୀ ରାଜେନ୍ଦ୍ର ପାଢ଼ୀ(୬୩) ଗତ ୨୭।୧୦।୨୦୧୮ରେ କାର୍ତ୍ତିକ ବ୍ରତ କରିବାକୁ ଯାଇଥିବା ନିଜ ଧର୍ମପତ୍ନୀଙ୍କୁ ଭେଟିବାକୁ ଯାଇଥିବା ସମୟରେ ୨୮ ତାରିଖରେ ଫେରିଦେଖିଲେ ଯେ, ତାଙ୍କ ଘର ଖୋଲାମେଲା ପଡ଼ିଛି । ଘରୁ ତାଙ୍କର ପାଖାପାଖି ୨ଲକ୍ଷ ଟଙ୍କା, ୧୫ରୁ ୨୦ ଭରି ସୁନା ଓ ୫୦୦ଗ୍ରାମ ରୂପା ଓ କିଛି ଘରକରଣା ସାମଗ୍ରୀ ସାମଗ୍ରୀ ଚୋରି ହୋଇଯାଇଛି । ଏନେଇ ଟାଉନ୍ ଥାନାରେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଦେଇଥିଲା । ମଙ୍ଗଳବାର ସକାଳ ୫ଟାରୁ ତଦନ୍ତକାରୀ ଅଧିକାରୀ ଜାଣିବାକୁ ପାଇଲେ ଯେ, ପୋଲିସ ସ୍କାନରରେ ଥିବା କାଳିଆ ସେଠୀ(୨୨) ଗିରିମାର୍କେଟ ରେ ବୁଲୁଅଛି । ଯିଏକି ପୂର୍ବରୁ ବିଭିନ୍ନ ଚୋରି ଅପରାଧରେ ଜଡ଼ିତ ଥିଲା । ସଙ୍ଗେ ସଙ୍ଗେ ପୋଲିସ ଟିମ୍ ଘଟଣା ସ୍ଥଳରେ ପହଞ୍ଚି କାଳିଆକୁ କାବୁ କରିବା ପରେ ଚୋରିରେ ସଂପୃକ୍ତ ଥିବା କାଳିଆ ସ୍ୱୀକାର କରିଥିଲା । ଲକ୍ଷ୍ମୀ ନୃସିଂହ ସାହିବାସିନ୍ଦା କାଳିଆ ଅନ୍ୟ ତିନିଜଣ ନାବାଳକଙ୍କୁ ସଙ୍ଗରେ ଧରି ୨୭ ତାରିଖ ମଧ୍ୟରାତ୍ର ୧୨ଟା ସମୟରେ ଏହି ଡ଼କାୟତି କରିଥିଲା । ତେବେ ତା'ଠାରୁ ପୋଲିସ ଗୋଟିଏ ସୁନାର ମଙ୍ଗଳସୂତ୍ର, ୨ଟି ସୁନା ଚୁଡ଼ି, ଗୋଟିଏ ଲକେଟ୍, ୨ଟି କାନଫୁଲ, ୨ଟି ଇୟର ରିଂ, ଗୋଟିଏ ରୂପାର ଗଣେଶ ମୂର୍ତ୍ତି, ଗୋଟିଏ ରୂପାର ଲକ୍ଷ୍ମୀମୂର୍ତ୍ତି, ରୂପାର ରାଧାମୂର୍ତ୍ତି, ୪ଟି ଛୋଟିଆ ରୂପା ଗିନା, ୨ଟି ଛୋଟ ରୂପା ଥାଳି ପୋଲିସ ଜବତ କରିଛି । ଅଭିଯୁକ୍ତ କାଳିଆ ସେଠୀଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ଅନ୍ୟ ସୂଚନା ତଦନ୍ତରେ ବାଧା ସୃଷ୍ଟି ଆଶଙ୍କାରେ ପୋଲିସ ଗୋପନ ରଖିଛି ।

ଦିବ୍ୟ ଜୀବନ ସଂଘ ପକ୍ଷରୁ ସୁନ୍ଦରା କାଣ୍ଡ ପାରାୟଣ ଓ ଆଧାତ୍ମିକ କାର୍ଯ୍ୟକ୍ରମ

ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ

ମଙ୍ଗଳବାର ଦିନ ଦିବ୍ୟ ଜୀବନ ସଂଘ, ନାରାୟଣପୁର ଶାଖା ଠାରେ ନବୀନ ସାହୁ ଓ ମିଲି ସାହୁଙ୍କ ପୁତ୍ର ଆଦର୍ଶଙ୍କ ପ୍ରଥମ ଜନ୍ମ ବାର୍ଷିକୀ (ସ୍ୱନକ୍ଷତ୍ର) ଦିବସରେ ମହେନ୍ଦ୍ର କୁମାର ପଟ୍ଟନାୟକ (ସ୍ୱାମୀ ଗୁରୁଶରଣାନନ୍ଦ ସରସ୍ୱତୀଙ୍କ ଅଧକ୍ଷତାରେ ସୁନ୍ଦର କାଣ୍ଡ ପାରାୟଣ ସହ ଆଧାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମର ପ୍ରାରମ୍ଭରେ ଜୟ ଗଣେଶ କୀର୍ତ୍ତନ, ଗୁରୁସ୍ତୋତ୍ର, ଶିବାନନ୍ଦ ଚିଦାନନ୍ଦ ଅର୍ଚ୍ଚନା, ବିଶ୍ୱ ପ୍ରାର୍ଥନା, ହେ ପ୍ରଭୁ ଆନନ୍ଦଦାତା ସହ ଆଦର୍ଶର ଉତ୍ତମ ଜୀବନ, ଦୀର୍ଘାୟୁ ନିମନ୍ତେ କାମନା କରି ଗୁରୁ ଓ ଗୋବିନ୍ଦଙ୍କ ଠାରେ ପ୍ରାର୍ଥନା କରାଯାଇଥିଲା ।

ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ସ୍ୱାମୀ ଗୋବିନ୍ଦାନନ୍ଦ ସରସ୍ୱତୀ ମହାରାଜ, ସ୍ୱାମୀ ହରିଶରଣାନନ୍ଦ ସରସ୍ୱତୀ ମହାରାଜ, ବରିଷ୍ଠ ଗୁରୁଭାଇ ଅରୁଣ କୁମାର ରଥ, ସମନ୍ୱୟ ସମିତିର ସମ୍ପାଦକ ପ୍ରକାଶ ଚନ୍ଦ୍ର ରଥ, ବୁଗୁଡ଼ା ଶାଖାର ସମ୍ପାଦକ, ଲଳିତ ପଟ୍ଟନାୟକ, ଭବାନୀ ଶଙ୍କର ପ୍ରଧାନ ଯୋଗଦାନ କରିବା ସହ ଜ୍ଞାନ ଯଜ୍ଞ ପ୍ରସାଦ ଉନ୍ମୋଚନ କରିବା ସହ ବିତରଣ କରିଥିଲେ । ସ୍ୱାମୀଜୀମାନେ ଆଶୀର୍ବଚନ ମାଧମରେ କହିଥିଲେ ଯେ, ବର୍ତ୍ତମାନ ସମାଜରେ ଭାରତୀୟ ପରମ୍ପରାକୁ (ମୁନି ଋଷିମାନଙ୍କ ପରମ୍ପରାକୁ) ଅନୁକରଣ ନ କରି ପାଶ୍ଚାତ୍ୟ ଦେଶର ସଂସ୍କୃତି ଓ ସଂସ୍କାରକୁ ଅନୁସରଣ କରିଆସୁଛନ୍ତି । ଏହା ଦ୍ୱାରା ଆମ ସମାଜରେ ବହୁତ କୁପ୍ରଭାବ ପଡ଼ିବା ସହ ଅମୂଲ୍ୟ ଜୀବନକୁ ନଷ୍ଟ କରିଦେଉଛନ୍ତି । ତେଣୁ, ବର୍ତ୍ତମାନ ଯୁବପିଢ଼ି ଭାରତୀୟ ସଂସ୍କାର, ସଂସ୍କୃତି ଓ ପରମ୍ପରାକୁ ଅନୁସରଣ କରିବା ଦ୍ୱାରା ସମସ୍ତ ସମସ୍ୟାରୁ ମୁକ୍ତି ମିଳିଥାଏ । ସନ୍ନ୍ୟାସୀ ଓ ସଂସାରୀ ମଧ୍ୟରେ ପାର୍ଥକ୍ୟ: ସଂସାରୀ ସଂସାରର ବିଷୟବସ୍ତୁ ଭୋଗ କରି ଶେଷରେ ଦୁଃଖ ଓ କଷ୍ଟ ପାଇଥାଏ, କିନ୍ତୁ ସନ୍ନ୍ୟାସୀ ସଂସାରର କୌଣସି ବସ୍ତୁ ପ୍ରତି ଆସକ୍ତ ନ ହୋଇ ପରମାତ୍ମାଙ୍କ ଠାରେ ନିଜ ମନକୁ ଲଗାଇବା ଦ୍ୱାରା ଜୀବନରେ ସଦା ଆନନ୍ଦ ଭାବ ରହିଥାଏ ।

ଯେଉଁ ପର୍ଯ୍ୟନ୍ତ ମନୁଷ୍ୟର ସଂସାର ପ୍ରତି ଆସକ୍ତି (ମୋହ) ଥାଏ, ସେ ପର୍ଯ୍ୟନ୍ତ ଭଗବତ୍ କଥା ବା ଆଧାତ୍ମିକ ବିଷୟ ତାକୁ ରୁଚି ଲାଗେନାହିଁ କିମ୍ବା ତତ୍ ସମ୍ବନ୍ଧୀୟ ବିଷୟରେ ଜାଣିବା ପାଇଁ ମଧ ଇଚ୍ଛା ପ୍ରକାଶ କରେ ନାହିଁ । ତେଣୁ ଆସକ୍ତି ଓ ଅହଂକାର ହେଉଛି ବନ୍ଧନର କାରଣ ଅଟେ ଏବଂ ଜନ୍ମ ମୃତ୍ୟୁ ଚକ୍ରରେ ପଡ଼ିଥାନ୍ତି । ମୁଁ ମୋର ବନ୍ଧନ ଅଟେ, ତୁ ତୋର ମୁକ୍ତି ଅଟେ – ଏହି ଭାବ ରଖିବା ଉଚିତ ବୋଲି ସ୍ୱାମୀଜୀମାନେ ବୁଝାଇଥଲେ । ଏହି କାର୍ଯ୍ୟକ୍ରମରେ ନବୀନ ସାହୁ, ମିଲି ସାହୁ, ବିଷ୍ଣୁପ୍ରିୟା ସାହୁ, ନିରଞ୍ଜନ ସାହୁ, ଜି.ବିପ୍ରଚରଣ ରେଡ୍ଡି, କାଳିଆ ଓ ଅକ୍ଷୟ କୁମାର ରଥଙ୍କ ସମେତ ଆଖପାଖ ଅଞ୍ଚଳରୁ ପ୍ରାୟ ୨୦୦ ଜଣ ଭକ୍ତ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

ପରିଶେଷରେ ନବୀନ ସାହୁ ସମସ୍ତଙ୍କୁ ଧନ୍ୟବାଦ ଜଣାଇ କାର୍ଯ୍ୟକ୍ରମକୁ ବିଶ୍ରାମ ଦେଇଥିଲେ ।